# NATIONAL NEWS BULLETIN (ODIA)

## 14 July - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ସ୍ଥାନୀୟ ସମସ୍ୟା ସମାଧାନ କରିପାରିଲେ ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ହୋଇପାରିବ, କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ହରିଆଣା ଏବଂ ଗୋଆର ନୂତନ ରାଜ୍ୟପାଳ ଓ ଲଦାଖର ଉପରାଜ୍ୟପାଳ ନିଯୁକ୍ତ କଲେ ରାଷ୍ଟ୍ରପତି ।
- ଏକ୍ସିଓମ୍ ଫୋର୍ ମିଶନ୍‌ର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ।

– ଆସନ୍ତାକାଲି ରାତି ୧୦ଟା ୫ ମିନିଟ୍‌ରେ କାଲିଫର୍ଣ୍ଣିୟା ଉପକୂଳରେ ଅବତରଣ କରିବ ଡ୍ରାଗନ୍ କ୍ୟାପ୍‌ସୁଲ୍ ।

- ଅଧିକ ରିଟର୍ଣ୍ଣ ଦାବି କରୁଥିବା ବ୍ୟକ୍ତି ଓ ସଂସ୍ଥା ଉପରେ ଦେଶବ୍ୟାପି ବଡ଼ ଧରଣର ଯାଞ୍ଚ ଅଭିଯାନ ଆରମ୍ଭ କରିଛି ଆୟକର ବିଭାଗ ।

ଏବଂ

- ଲଡସ୍ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ଭାରତ ସମ୍ମୁଖରେ ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ରଖିଛି ଇଂଲଣ୍ଡ ।

# ପ୍ରେଜ୍-ଓଡ଼ିଶା

ସ୍ଥାନୀୟ ସମସ୍ୟା ଗୁଡ଼ିକର ସମାଧାନ କରାଯାଇପାରିଲେ ବିଶ୍ୱସ୍ତରୀୟ ସମସ୍ୟା ଗୁଡ଼ିକର ସମାଧାନ ସହଜ ସାଧ୍ୟ ହୋଇପାରିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମସ୍‌ର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହା କହିଛନ୍ତି । ରାଷ୍ଟ୍ରପତି ଡାକ୍ତରମାନଙ୍କୁ ଭଗବାନଙ୍କ ପ୍ରତିରୂପ ବୋଲି ବର୍ଣ୍ଣନା କରି ସେମାନଙ୍କ କର୍ତ୍ତବ୍ୟ ନିଷ୍ଠାକୁ ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଦେଶରେ ବିଜ୍ଞାନ କ୍ଷେତ୍ରରେ ହେଉଥିବା ନୂଆ ଅଗ୍ରଗତି ଅନେକ ଗୁଡ଼ିଏ ରୋଗର ଚିକିତ୍ସା ନିବାରଣ ସୁବିଧା ସମ୍ଭବ କରାଇପାରିଛି । ଏହି ଅବସରରେ ରାଷ୍ଟ୍ରପତି ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କୁ ଡିଗ୍ରୀ ପ୍ରଦାନ ସହ ୩୧ ଜଣ ମେଧାବି ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି : **V/O**

ଆଜି ଅପରାହ୍ଣରେ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାର୍ଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ସ୍ୱାଗତ କରିଥିଲେ ।

ରାଷ୍ଟ୍ରପତିଙ୍କୁ ସ୍ୱାଗତ ପୂର୍ବକ ପାରମ୍ପରିକ ନୃତ୍ୟ ପରିବେଶଣ କରାଯାଇଥିଲା ।

ଆସନ୍ତାକାଲି ପୂର୍ବାହ୍ଣରେ ରାଷ୍ଟ୍ରପତି କଟକ ସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଏହାପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର କେତେକ ବିକାଶ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । କଟକ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ରାଷ୍ଟ୍ରପତି ଯୋଗଦେବା ସହିତ କଳିଙ୍ଗରତ୍ନ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ଏହିସବୁ କାର୍ଯ୍ୟକ୍ରମ ଶେଷ କରି ରାଷ୍ଟ୍ରପତି ଆସନ୍ତାକାଲି ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

## ପ୍ରେଜ୍-ଗଭର୍ଣ୍ଣର ଆପଏଣ୍ଟମେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ହରିଆଣା ଏବଂ ଗୋଆର ନୂତନ ରାଜ୍ୟପାଳ ଓ ଲଦାଖର ନୂତନ ଉପରାଜ୍ୟପାଳ ନିଯୁକ୍ତ କରିଛନ୍ତି । ସୂଚନା ଅନୁଯାୟୀ ପୂର୍ବତନ ବେସାମରିକ ଚଳାଚଳ ମନ୍ତ୍ରୀ ଅଶୋକ ଗଜପତି

ରାଜୁଙ୍କୁ ଗୋଆର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି । ପ୍ରଫେସର ଅସିମ କୁମାର ଘୋଷଙ୍କୁ ହରିଆଣାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବା ବେଳେ କବିନ୍ଦର ଗୁପ୍ତାଙ୍କୁ ଲଦାଖର ଉପରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି । ଅନ୍ୟ ପକ୍ଷରେ ରାଷ୍ଟ୍ରପତି ଲଦାଖର ଉପରାଜ୍ୟପାଳ ଭାବେ କାର୍ଯ୍ୟ କରୁଥିବା ଅବସରପ୍ରାପ୍ତ ବ୍ରିଗେଡିୟର୍ ଡକ୍ଟର ବାଲ ଦତ୍ତ ମିଶ୍ରଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି ।

## ଏକ୍ସିଓମ୍ ଫୋର୍

ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ଏକ୍ସିଓମ୍ ଫୋର୍ ମିଶନ୍‌ର ଅନ୍ୟ ତିନି ଜଣ କ୍ରୁ ସଦସ୍ୟଙ୍କ ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ ହୋଇଛି । ସ୍ପେସ୍‌ଏକ୍ସ ଯାତ୍ରା ଆରମ୍ଭ ହୋଇଥିବା ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛି । ଏହି ପୋଷ୍ଟରେ କୁହାଯାଇଛି, ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରୁ ମହାକାଶଚାରୀମାନଙ୍କୁ ନେଇ ଯାଇଥିବା ଡ୍ରାଗନ୍ କ୍ୟାପ୍‌ସୁଲ୍ ସଫଳ ଭାବେ ଅଲଗା ହୋଇଛି । ଆଉ କିଛି ସମୟ ପର୍ଯ୍ୟନ୍ତ ମହାକାଶ କେନ୍ଦ୍ର ଠାରୁ ଅଧିକ ଦୂରତାଯାଏଁ ଅତିକ୍ରମ କରିବା ଲାଗି ପ୍ରକ୍ରିୟା ଜାରି ରହିବ ।

ସୂଚନା ଅନୁଯାୟୀ ଆସନ୍ତାକାଲି ରାତି ୧୦ଟା ୫ ମିନିଟ୍ ସୁଦ୍ଧା ଏହି ଡ୍ରାଗନ୍ କ୍ୟାପ୍‌ସୁଲ ପୃଥିବୀର ବାୟୁ ମଣ୍ଡଳରେ ପ୍ରବେଶ କରି କାଲିଫର୍ଣ୍ଣିୟା ଉପକୂଳରେ ସମୁଦ୍ର ମଧ୍ୟରେ ଅବତରଣ କରିବ । ଅବତରଣ ପରେ କ୍ରୁ ସଦସ୍ୟଙ୍କୁ ଫ୍ଲାଇଟ୍ ସର୍ଜନ୍‌ଙ୍କ ତତ୍ତ୍ୱାବଧାନରେ ୭ ଦିନ ପାଇଁ ପୁନର୍ବାସରେ ରଖାଯିବ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସହିତ ଖାପଖୁଆଇବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି ।

ଗ୍ରୁପ୍ କ୍ୟାପ୍‌ଟେନ୍ ଶ୍ରୀ ଶୁକ୍ଲା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ୧୪ ଦିନ ଧରି ରହିଥିଲେ । ମହାକାଶ କେନ୍ଦ୍ରକୁ ଯିବାରେ ସେ ପ୍ରଥମ ଭାରତୀୟ । ୧୯୮୪ ମସିହାରେ ମହାକାଶକୁ ଯାଇଥିବା ଭାରତର ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ ଶ୍ରୀ ଶୁକ୍ଲା ହେଉଛନ୍ତି ଦ୍ୱିତୀୟ ମହାକାଶଚାରୀ । ମହାକାଶ କେନ୍ଦ୍ରରେ ଅବସ୍ଥାନ ସମୟରେ ଭାରତ ଆଧାରିତ ୭ଟି ବିଶେଷ ପରୀକ୍ଷଣରେ ଶ୍ରୀ ଶୁକ୍ଲା ସାମିଲ ଥିଲେ ।

ଗତକାଲି ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଅନୁଷ୍ଠିତ ବିଦାୟୀ ଉତ୍ସବରେ ଶୁଭାଂଶୁ କହିଛନ୍ତି, ଭାରତ ମହତ୍ୱାକାଂକ୍ଷା ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ । ୧୯୮୪ରେ ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମାଙ୍କ ପ୍ରତିକାତ୍ମକ ଶବ୍ଦକୁ ପୁନରାବୃତ୍ତି କରି ସେ କହିଛନ୍ତି, ଭାରତ ଏବେବି ମହାକାଶରୁ ସାରେ ଜାହାଁସେ ଆଚ୍ଛା ଦେଖାଯାଉଛି ।

ସୂଚନା ଯୋଗ୍ୟ ଶ୍ରୀ ଶୁକ୍ଲାଙ୍କୁ ନେଇ ଏକ୍ସିଓମ୍ ଫୋର୍ ମିଶନ୍ ଗତ ଜୁନ୍ ୨୬ ତାରିଖରେ ମହାକାଶକୁ ଯାତ୍ରା କରିଥିଲା ।

## ଇନ୍‌କମ୍ ଟାକ୍ସ ଭେରିଫିକେସନ୍

ଆୟକର ବିଭାଗ ଦେଶର ବିଭିନ୍ନ ସ୍ଥାନରେ ବଡ଼ ଧରଣର ଯାଞ୍ଚ୍ ଅଭିଯାନ ଆରମ୍ଭ କରିଛି । ଆୟକର ରିଟର୍ଣ୍ଣରେ ଅଧିକ  ଛାଡ଼ ପାଇଁ ଦାବି କରୁଥିବା ବ୍ୟକ୍ତି ଏବଂ ସଂସ୍ଥା ଗୁଡ଼ିକ ବିରୋଧରେ ଏହି ଯାଞ୍ଚ୍ ଅଭିଯାନ ଆରମ୍ଭ କରାଯାଇଛି । ସୂଚନା ଅନୁଯାୟୀ ରିଟର୍ଣ୍ଣ ପ୍ରସ୍ତୁତ କରୁଥିବା ବ୍ୟକ୍ତି ଏବଂ ମଧ୍ୟସ୍ଥିଙ୍କ ଦ୍ୱାରା କେତେ ଗୁଡ଼ିଏ ସଂଗଠନ ପରିଚାଳିତ ହେଉଥିବା ଜଣାପଡ଼ିଛି, ଯେଉଁମାନେ ମିଥ୍ୟା ପ୍ରମାଣ ଦର୍ଶାଇ ଅଧିକ କର ଛାଡ଼ ଦାବି କରୁଛନ୍ତି । ବିଭାଗ ପକ୍ଷରୁ କୁହାଯାଇଛି, ଏଭଳି ଜାଲିଆତି ରିଟର୍ଣ୍ଣରେ ମିଥ୍ୟା ତଥ୍ୟ ଦିଆଯାଇଥିବା ଜଣାପଡ଼ିଛି ।

ସନ୍ଦେହଜନକ ପ୍ୟାନ୍ ଗୁଡ଼ିକୁ ଚିହ୍ନଟ କରିବା ପାଇଁ ଆୟକର ବିଭାଗ ପକ୍ଷରୁ ତୃତୀୟ ପକ୍ଷର ସହାୟତା ଓ ଆବଶ୍ୟକ ସ୍ଥଳେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କରି ଏହି ତଥ୍ୟ ଜାଣିପାରିଛି । ବିଶେଷ କରି ମହାରାଷ୍ଟ୍ର,

ତାମିଲନାଡୁ, ଦିଲ୍ଲୀ, ଗୁଜରାଟ, ପଞ୍ଜାବ ଏବଂ ମଧ୍ୟପ୍ରଦେଶରେ ବିଭାଗ ଦ୍ୱାରା କରାଯାଇଥିବା ଅନୁସନ୍ଧାନରେ ଏହିଭଳି ପ୍ରମାଣ ମିଳିଛି ।

ବିଭାଗ ପକ୍ଷରୁ କୁହାଯାଇଛି, କିଛି ବର୍ଷ ହେବ ଏସ୍.ଏମ୍.ଏସ୍. ଏବଂ ଇ-ମେଲ୍ ଜରିଆରେ କରଦାତାମାନଙ୍କୁ ସଠିକ୍ ତଥ୍ୟ ଦର୍ଶାଇ ରିଟର୍ଣ୍ଣ ଦାଖଲ କରିବାକୁ ସୂଚନା ଦିଆଯାଇଛି ।

ଗତ ୪ ମାସରେ ପ୍ରାୟ ୪୦ ହଜାର କରଦାତା ସେମାନଙ୍କ ରିଟର୍ଣ୍ଣ ଅପ୍‌ଡେଟ୍ କରିଛନ୍ତି, ଯାହା ଫଳରେ ୧ ହଜାର କୋଟିରୁ ଅଧିକ ମୂଲ୍ୟର ରିଟର୍ଣ୍ଣ ଦାବି ବାତିଲ ହୋଇଛି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୫୦ଟି ସ୍ଥାନରେ ଚାଲିଥିବା ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆୟକର ବିଭାଗ ପକ୍ଷରୁ ପୁଣିଥରେ ଆୟର ସଠିକ୍ ବିବରଣୀ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି ।

# ଏଆଇଆଇଏ କନ୍‌ଫରେନ୍ସ

କେନ୍ଦ୍ର ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଗଣପତରାଓ ଯାଦବ କହିଛନ୍ତି, ସମଗ୍ର ବିଶ୍ୱ ଏବେ ଆୟୁର୍ବେଦର ବୈଜ୍ଞାନିକ ଆଧାର ଉପଯୋଗୀତା ଏବଂ ବିପୁଳ ସମ୍ଭାବନାକୁ ବୁଝିବା ସହ ଗ୍ରହଣ କରିଛି । ଆଜି ନୂଆଦିଲ୍ଲୀରେ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ ଦ୍ୱାରା ଆୟୋଜିତ ସାଲ୍ୟକନ ୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ଆୟୁଷ ମନ୍ତ୍ରଣାଳୟ, ଆୟୁର୍ବେଦ ଏବଂ ସଲ୍ୟ ଚିକିତ୍ସା ପଦ୍ଧତିର ନିରନ୍ତର ବିକାଶ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱୀକୃତି ଦେବା ଲାଗି ଉଦ୍ୟମରତ ।

**V/O-Pratap Yadab**

ସାଲ୍ୟକନ୍ ୨୦୨୫ ହେଉଛି, ସଲ୍ୟ ତନ୍ତ୍ର ଉପରେ ଏକ ତିନି ଦିନିଆ ଜାତୀୟ ସମ୍ମିଳନୀ । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଶୁଶ୍ରୁତ ଜୟନ୍ତୀ ଉପଲକ୍ଷେ ଆୟୋଜନ କରାଯାଇଛି ।

# ଜୟଶଙ୍କର-ୱାଙ୍ଗ୍ ୟି ମିଟ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଭାରତ-ଚୀନ୍ ସମ୍ପର୍କ ଧୀରେ ଧୀରେ ସକାରାତ୍ମକ ଦିଗରେ ଅଗ୍ରସର ହେଉଛି । ଆଜି

ବେଜିଂରେ ଚୀନ୍ ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସହ ଏକ ବୈଠକରେ ଡକ୍ଟର ଜୟଶଙ୍କର କହିଛନ୍ତି, ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ଦିଗରେ ଗତ ୯ ମାସ ମଧ୍ୟରେ ଉଭୟ ଦେଶ ଅଗ୍ରଗତି କରିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି, ପାରସ୍ପରିକ ରଣନୈତିକ ବିଶ୍ୱାସ ଏବଂ ଦ୍ୱିପାକ୍ଷିକ ସମ୍ପର୍କର ସୁଗମ ବିକାଶ ପାଇଁ ମୌଳିକ ଢାଞ୍ଚା ସୃଷ୍ଟି ହୋଇଛି । ଉଭୟ ଦେଶ ସୀମା ସହିତ ଜଡ଼ିତ ଅନ୍ୟାନ୍ୟ ଦିଗ ଗୁଡ଼ିକୁ ସମାଧାନ କରିବା ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି ।

ଡକ୍ଟର ଜୟଶଙ୍କର କହିଛନ୍ତି, ପଡ଼ୋଶୀ ରାଷ୍ଟ୍ର ଏବଂ ଏକ ପ୍ରମୁଖ ବିଶ୍ୱ ଅର୍ଥନୀତି ଭାବରେ ଭାରତ-ଚୀନ୍ ମଧ୍ୟରେ ସମ୍ପର୍କର ବିଭିନ୍ନ ଦିଗ ରହିଛି ଏବଂ ଏହାକୁ ସ୍ୱାଭାବିକ କରିବା ଲାଗି ଉଭୟ ଉଭୟଙ୍କୁ ସହଯୋଗ କରୁଛନ୍ତି । ସେ କହିଛନ୍ତି, ଭାରତ ଏବଂ ଚୀନ୍ ମଧ୍ୟରେ ସ୍ଥିର ଓ ଗଠନମୂଳକ ସମ୍ପର୍କ କେବଳ ଉଭୟ ଦେଶ ପାଇଁ ନୁହେଁ ବରଂ ସାରା ବିଶ୍ୱ ପାଇଁ ଲାଭଦାୟକ ହେବ । ସଂଘର୍ଷ ପରିବର୍ତ୍ତେ ଏକ ସକାରାତ୍ମକ ଉପାୟରେ ଉଭୟ ଦେଶ ମଧ୍ୟରେ ସୁ-ସଂପର୍କ ସ୍ଥାପନ ଏବଂ ଏଥିରେ ଅଗ୍ରଗତି ହୋଇପାରିବ । ଏହି ଅବସରରେ ଡକ୍ଟର ଜୟଶଙ୍କର କହିଛନ୍ତି, ଚଳିତ ବର୍ଷ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତି ପାଳନ କରାଯାଉଛି ।

ଅନ୍ୟ ପକ୍ଷରେ ୫ ବର୍ଷର ବ୍ୟବଧାନ ପରେ କୈଳାଶ ମାନସରୋବର ଯାତ୍ରା ପୁନର୍ବାର ଆରମ୍ଭ ହୋଇଥିବାରୁ ସେ ଚୀନ୍‌କୁ ଧନ୍ୟବାଦ ଜଣାଇଛନ୍ତି ।

## ପିଏମ୍-ସରୋଜା ଦେବୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଖ୍ୟାତ ଅଭିନେତ୍ରୀ ଭୈରପ୍ପା ସରୋଜା ଦେବୀ ପରଲୋକରେ ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ସିନେମା ଏବଂ ସଂସ୍କୃତିର ଏକ ଅନୁକରଣୀୟ ପ୍ରତୀକ ଭାବେ ସରୋଜା ଦେବୀଙ୍କୁ ମନେ ରଖାଯିବ । ପିଢ଼ି ପରେ ପିଢ଼ି ସରୋଜା ଦେବୀଙ୍କ ଅତୁଳନୀୟ ପ୍ରଦର୍ଶନ ପ୍ରେରଣା ଯୋଗାଇଛି । ଶ୍ରୀ ମୋଦୀ କହିଛନ୍ତି, ବିଭିନ୍ନ ଭାଷା ଏବଂ ବିବିଧ ବିଷୟବସ୍ତୁ ଉପରେ ତାଙ୍କ କାର୍ଯ୍ୟ ଅତ୍ୟନ୍ତ ଲୋକପ୍ରିୟ ଥିଲା ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି **ବର୍ଷା ଜଳ ସଞ୍ଚୟ ଏବଂ ଜଳ ସଂରକ୍ଷଣରେ ଏହାର ଭୂମିକା ।** ଜାତୀୟ ସ୍ୱଚ୍ଛ ଗଙ୍ଗା ମିଶନ୍‌ର ପୂର୍ବତନ ମହାନିର୍ଦ୍ଦେଶକ ଜି ଅଶୋକ କୁମାର ଏବଂ ପରିବେଶବିତ୍ ଡକ୍ଟର ଅରବିନ୍ଦ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ୨ ଇୟର୍ସ୍ ଅଫ୍ ଚନ୍ଦ୍ରଯାନ–୩

ମହାକାଶ କ୍ଷେତ୍ରରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ଐତିହାସିକ ସଫଳତା ହାସଲ କରିଥିବା ଭାରତର ଚନ୍ଦ୍ରଯାନ-୩କୁ ଆଜି ଦ୍ୱିତୀୟ ବର୍ଷ ପୂରଣ ହୋଇଛି । ୨୦୨୩ ମସିହା ଆଜିର ଦିନରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ-ଇସ୍ରୋ ପକ୍ଷରୁ ବିକଶିତ କରାଯାଇଥିବା LV-M-3 M-4 ରକେଟ୍' ସଫଳତାର ସହ ଚନ୍ଦ୍ରଯାନ-୩କୁ କକ୍ଷପଥକୁ ପ୍ରକ୍ଷେପଣ କରିଥିଲା । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଚନ୍ଦ୍ରଯାନ-୩ ୨୦୨୩ ଅଗଷ୍ଟ ୨୩ ତାରିଖ ଦିନ ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧରେ ସଫଳତାର ସହ ଅବତରଣ କରିଥିଲା । ଏହାଦ୍ୱାରା ଭାରତ ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧରେ ଅବତରଣ କରିବାରେ ବିଶ୍ୱର ପ୍ରଥମ ଏବଂ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ଭାବେ ପରିଗଣିତ ହୋଇଥିଲା ।

# କ୍ରିକେଟ୍

ଲଡସ୍ ଟେଷ୍ଟର ଅନ୍ତିମ ଦିବସରେ ଆଜି ଭାରତ ୧୯୩ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ଗତକାଲିର ଦ୍ୱିତୀୟ ଇନିଂସ ସ୍କୋର ୪ ୱିକେଟ୍‌ରେ ୫୮ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିଲା । ସମ୍ବାଦଟି ପ୍ରସ୍ତୁତ ହେବା ବେଳକୁ ଭାରତ ୮ଟି ୱିକେଟ୍ ହରାଇ ୧୩୭ ରନ୍ ସଂଗ୍ରହ କରିଛି । ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଏହି ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ସମସ୍ତ ୱିକେଟ୍ ହରାଇ ୧୯୨ରନ୍‌ରେ ସଂଗ୍ରହ କରିଥିଲା ।